অবদুল গফুর

বনাম

মহিশূর রাজ্য

1961
এপ্রিল 12

(পি. বি. গজেন্দ্রগডকর, এ. কে. সরকার,

কে. এন্. ওয়াঞ্চু, কে. সি. দাস গুপ্তা এবং

এন্. রাজগোপাল আয়াঙ্গর, ন্যায়াধীশবৃন্দ)

*মোটর পরিবহন- প্রকাশিত যোজনা এবং অনুমোদিত অনুমতি পত্র- রাজ্য পরিবহন উদ্যোগ দ্বারা আবেদন- আবেদন প্রকাশন এবং আবশ্যক স্থলে অন্য পরিবহন সেবা দ্বারা নিবেদন করিবা পাইঁ তারিখ বিজ্ঞপ্তি প্রকাশন - মোটর বাহন অধিনিয়ম 1939 (IV/1939 ), ধারা 68- C, 68- F ( 1), অধ্যায় . IV- A.*

মহীশূর পরিবহন সংস্থা দ্বারা মোটর যান অধিনিয়ম, 1939র ধারা 68-C অধীনরে এক যোজনা প্রকাশিত হেবা পরে এবং রাজ্য সরকারঙ্ক দ্বারা অনুমোদিত হেবা পরে রাজ্য পরিবহন সংস্থা ধারা 68-F (1) অনুযায়ী অনুমতি পাইঁ আঞ্চলিক পরিবহন কর্তৃপক্ষঙ্ক নিকটরে আবেদন করিথিলে, কিন্তু অনুমতি প্রদান করাযিবা পূর্বরু দ্বিতীয় উত্তরদাতা এক নিশেদ্ধ আজ্ঞাদেশ আবেদন করিথিলে, যাহা দ্বারা যে পর্য্যন্ত বিজ্ঞপ্তিটি বিধিবদ্ধ ভাবে প্রকাশিত হোইনথিলা এবং আবেদন করিবা পাইঁ তাঙ্কু বিজ্ঞপ্তি প্রদান করাযাইনথিলা সে পর্য্যন্ত পাইঁ দ্বিতীয় উত্তরদাতাঙ্ক নিবেদন উপরে বিচার করিবা পাইঁ আঞ্চলিক পরিবহন কর্তৃপক্ষঙ্কু বারণ করাযাইথিলা । তাঙ্ক তরফরু যুক্তি থিলা যে অধিনিয়মর ধারা 57 (3)র অধ্যায় IV অনুযায়ী নিবেদন পত্র দাখল করিবার তারিখ বিজ্ঞপ্তি সহিত আবেদনগুড়িকর প্রকাশিত হেব আবশ্যক থিলা এবং সে বিজ্ঞপ্তি পাইবাকু হকদার থিলে, কারণ আঞ্চলিক পরিবহন কর্তৃপক্ষ আবেদনগুড়িকর অনুমতি সহ কারবার করিবা সময়রে এক অর্দ্ধ-ন্যায়িক ক্ষমতারে কার্য্য করুথিলে ।

1961
ଅବଦୁଲ ଗଫୁର
ବନାମ
ମହିଶୂର ରାଜ୍ୟ
ନ୍ୟାୟାଧୀଶ
ଦାସଗୁପ୍ତା

ନିର୍ଣ୍ଣିତ ଯେ ଯେତେବେଳେ ଧାରା 68-C ଅଧୀନରେ ପ୍ରସ୍ତୁତ ଏବଂ ପ୍ରକାଶିତ ଏକ ଯୋଜନା ଅନୁମୋଦିତ ହୋଇଥାଏ ଏବଂ ଯୋଜନାର ଅନୁସରଣରେ ଏକ ଆବେଦନ କରାଯାଇଥାଏ ଯାହାକି ଅଧ୍ୟାୟ IV ରେ ନିର୍ଦ୍ଦିଷ୍ଟ ହୋଇଥିବା ଉପଯୁକ୍ତ ଢଙ୍ଗରେ ସମ୍ପାଦିତ ହୋଇଥାଏ ସେତେବେଳେ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କ ନିକଟରେ କୌଣସି ବିଚାର ଯୋଗ୍ୟ ବିଷୟ ରହେ ନାହିଁ ଏବଂ ତାଙ୍କ ନିକଟରେ ଅନୁମତିକୁ ପ୍ରତ୍ୟାଖ୍ୟାନ କରିବା ପାଇଁ କୌଣସି ବିକଳ୍ପ ରହିବା ନାହିଁ । ଧାରା 68-F(1) ଅନୁଯାୟୀ ବିଚାର କରାଯାଉଥିବା ବିଷୟର ପ୍ରକୃତି ଏପରି, ଯାହା ଧାରା 57 (3) ର ବ୍ୟବସ୍ଥାଗୁଡ଼ିକୁ ଆକର୍ଷିତ କରେ ନାହିଁ, ଯାହା ଅନୁମତି ପାଇଁ ଏକ ଆବେଦନ ପତ୍ର ଉପରେ ବିଚାର କରିବା ସମୟରେ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କ ଉପରେ କେତେକ କର୍ତ୍ତବ୍ୟ ନ୍ୟସ୍ତ କରିଥାଏ । ଧାରା 57 (3) ର ବ୍ୟବସ୍ଥାଗୁଡ଼ିକର ଧାରା 68-F(1) ଦ୍ୱାରା ପରିଚାଳିତ ମାମଲା ସହିତ କୌଣସି ସମ୍ପର୍କ ନାହିଁ ।

*ଶ୍ରୀନିବାସ ରେଡ୍ଡୀ ବନାମ ମହୀଶୂର ରାଜ୍ୟ, [1960]* 2 ଏସ୍. ସି. ଆର୍. 130, ମାମଲାର ଉଲ୍ଲେଖ କରାଯାଇଛି ।

ଧାରା 68-F(1) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମୟରେ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ କୌଣସି ଅର୍ଦ୍ଧ-ନ୍ୟାୟିକ କାର୍ଯ୍ୟ ସମ୍ପାଦନ କରନ୍ତି ନାହିଁ ବରଂ ସମ୍ପୂର୍ଣ୍ଣ ଭାବେ ଏକ ଶାସନାତ୍ମକ ଭୂମିକରେ କାର୍ଯ୍ୟ କରନ୍ତି ।

ମୂଳ ନ୍ୟାୟିକ ଅଧିକାରିତା : ଆବେଦନ ସଂଖ୍ୟା 109/1961 ।

ମୌଳିକ ଅଧିକାରର ପ୍ରବର୍ତ୍ତନ ପାଇଁ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ଆଜ୍ଞାଦେଶ ଆବେଦନ ।

ଆବେଦନକାରୀ ପକ୍ଷରୁ *ଭାରତର ଆଟର୍ଣ୍ଣି ଜେନେରାଲ ଏମ୍. ସି.* ସେତଲୱାଡ, *ବି. ଆର୍. ଏଲ୍. ଆୟେଙ୍ଗର ଏବଂ କେ. ପି. ଭଟ୍ଟ* ଯୁକ୍ତି ବାଢ଼ିଥିଲେ ।

ଉତ୍ତରଦାତାମାନଙ୍କ ପାଇଁ *ଏ. ଭି. ବିଶ୍ୱନାଥ ଶାସ୍ତ୍ରୀ, ଆର୍. ଗୋପାଳକ୍ରିଷ୍ଣନ ଏବଂ ଟି. ଏମ୍. ସେନ୍* ।

1961 ଏପ୍ରିଲ, 12 ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା ।

ନ୍ୟାୟାଧୀଶ ଦାସଗୁପ୍ତା

ନ୍ୟାୟାଧୀଶ ଦାସଗୁପ୍ତାଙ୍କ ଦ୍ୱାରା : ଆବେଦନକରି ଯିଏକି ଶାହିନ୍ ମୋଟର ସର୍ଭିସର ମାଲିକ ଥିଲେ, ସେ ମହୀଶୂର ରାଜ୍ୟର ହାସନ ଜିଲ୍ଲାର ଅର୍ଚଲ୍ଲୀରୁ ସରବନବେଲଗୋଲା ମାର୍ଗରେ

ଭଡ଼ା ପାଇଁ ଏକ ମୋଟର ବସ୍ ଚଳାଉଥିଲେ । 1939 ମୋଟର ଯାନ ଅଧିନିୟମର ଧାରା 68-C ଅଧୀନରେ ଏକ ଯୋଜନା ମହୀଶୂର ପରିବହନ ଉଦ୍ୟୋଗ ଦ୍ୱାରା ପ୍ରକାଶିତ ହେବା ପରେ, ଆବେଦନକାରୀ ଜଣେ ପ୍ରଭାବିତ ବ୍ୟକ୍ତି ଭାବରେ ରାଜ୍ୟ ସରକାରଙ୍କ ନିକଟରେ ଏହି ଯୋଜନାର ଧାରା 68- D (1) ଉପରେ ଆପତ୍ତି ଦାଖଲ କରିଥିଲେ । ତେବେ ରାଜ୍ୟ ସରକାର ଆପତ୍ତି ଉପରେ ବିଚାର କରିବା ପରେ ଏବଂ ଆବେଦନକାରୀ ଅଭିଯୋଗ ଶୁଣିବା ପରେ ଏହି ଯୋଜନାକୁ ଅନୁମୋଦନ କରିଥିଲେ,ଏବଂ କିଛି ସ୍ୱଳ୍ପ ସଂଶୋଧନ କରିଥିଲେ ଯାହା ଉପରେ ଆମେ ଧ୍ୟାନ ଦେଉନାହୁଁ । 1959 ମସିହା ଡିସେମ୍ବର 22 ତାରିଖରେ ଏହି ଅନୁମୋଦନ ପ୍ରଦାନ କରାଯାଇଥିଲା । ଏହି ଅନୁମୋଦିତ ଯୋଜନାର ଅନୁସରଣ କରିବା ସମୟରେ ଆମ ସମ୍ମୁଖରେ ଦ୍ୱିତୀୟ ପ୍ରତିବାଦୀ ଥିବା ରାଜ୍ୟ ପରିବହନ ଉଦ୍ୟୋଗ ନିଶେଦ୍ଧ ଆଜ୍ଞାଦେଶ ପାଇଁ ଆବେଦନ କରିଥିଲେ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ ଏହିପରି ନିଷେଧ ଜାରି କରିବା ପୂର୍ବରୁ ବର୍ତମାନର ଆଜ୍ଞାଦେଶ ଆବେଦନ ଦାଖଲ କରାଯାଇଥିଲା, ଯେଉଁଥିରେ ପ୍ରଥମତଃ ପ୍ରାର୍ଥନା କରାଯାଇଥିଲା ଯେ ଏକ ନିଷେଧ ଆଜ୍ଞାଦେଶ ଜାରି କରି ଏହି ଯୋଜନାକୁ ଏବଂ କିଛି ଫଳସ୍ୱରୂପ ନିର୍ଦ୍ଦେଶକୁ ରଦ୍ଦ କରାଯାଉ ଏବଂ ଦ୍ୱିତୀୟରେ ଆମ ସମ୍ମୁଖରେ ତୃତୀୟ ଉତ୍ତରଦାତା ଥିବା ହାସନ ଜିଲ୍ଲାର ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ, ଦ୍ୱିତୀୟ ଉତ୍ତରଦାତା ଦ୍ୱାରା କରାଯାଇ ଥିବା ଅନୁମତି ଆବେଦନଗୁଡ଼ିକ ସହିତ କାରବାର କରିବାରୁ ଦୂରେଇ ରହିବା ପାଇଁ ଅନୁରୋଧ କରିଥିଲେ, ଯେପର୍ଯ୍ୟନ୍ତ ବିଜ୍ଞପ୍ତି ଗୁଡିକ ବିଦ୍ଧିବଧ ଭାବରେ ପ୍ରକାଶ ନହୋଇଛି ଏବଂ ଅବେଦନକାରୀଙ୍କୁ ବିଜ୍ଞପ୍ତି ପ୍ରଦାନ କରି ଧାରା 68-F (1)ର ଅଧ୍ୟାୟ ଆଧାରରେ ଅନୁମତି ପ୍ରଦାନ କରାଯାଇନାହିଁ । ଆବେଦନକାରୀଙ୍କ ବିଦ୍ୱାନ ଓକିଲଙ୍କ କଥା ଶୁଣିବା ପରେ, ଏହି ନ୍ୟାୟାଳୟ 21 ମାର୍ଚ୍ଚ, 1961 ର ତାଙ୍କ ଆଦେଶ ଅନୁଯାୟୀ, କେବଳ ଦ୍ୱିତୀୟ ପ୍ରାର୍ଥନା ପର୍ଯ୍ୟନ୍ତ ସୀମିତ ରଖିବା ପାଇଁ ଆବେଦନକାରୀଙ୍କୁ ଆଜ୍ଞାଦେଶ ଅବେଦନରେ ସଂଶୋଧନ କରିବାକୁ ଅନୁମତି ପ୍ରଦାନ କରିଥିଲେ ଏବଂ କେବଳ ଏହି ଦ୍ୱିତୀୟ ପ୍ରାର୍ଥନା ସମ୍ପର୍କରେ ଏକ ନିୟମ ଜାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ତେଣୁ ବର୍ତ୍ତମାନ ଆମେ ବିଚାର କରୁଥିବା ଏକ ମାତ୍ର ପ୍ରଶ୍ନ ହେଉଛି ହାସନ ଜିଲ୍ଲାର ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କୁ ରାଜ୍ୟ ପରିବହନ ଉଦ୍ୟୋଗ ଦ୍ୱାରା ପ୍ରଦାନ କରାଯାଉଥିବା ଅନୁମତି ଆବେଦନ ଉପରେ କାର୍ଯ୍ୟ କରିବାରୁ ବିରତ ରହିବା ପାଇଁ ଏକ ନିଷେଧ ଆଜ୍ଞାଦେଶ ଜାରି କରାଯିବା ଉଚିତ କି "ଯେପର୍ଯ୍ୟନ୍ତ ସେଗୁଡିକ ବିଧିବଦ୍ଧ ଭାବରେ ପ୍ରକାଶିତ ହୋଇ ନାହିଁ ଏବଂ ଏହାର ବିଜ୍ଞପ୍ତି ଆବେଦନକାରୀଙ୍କୁ ଦିଆଯାଇ ନାହିଁ ଏବଂ ତାଙ୍କୁ ଏହା ଉପରେ ନିଜର ନିବେଦନ ପତ୍ର କରିବାକୁ ଅନୁମତି ଦିଆଯାଇ ନାହିଁ ।"

ଏହି ଅନୁରୋଧ ସମ୍ବନ୍ଧରେ ଆବେଦନକାରୀଙ୍କ ମାମଲା ହେଉଛି ଯେ ଅନୁମତି ପାଇଁ ଆବେଦନଗୁଡିକ ବିଧିବଦ୍ଧ ଭାବରେ ପ୍ରକାଶିତ ନହେବା ପର୍ଯ୍ୟନ୍ତ ଏବଂ ସେହି ଆବେଦନଗୁଡିକର ବିଜ୍ଞପ୍ତି ଆବେଦନକାରୀଙ୍କୁ ନଦେବା ପର୍ଯ୍ୟନ୍ତ ଆଇନ ଅନୁଯାୟୀ ରାଜ୍ୟ ପରିବହନ ଉଦ୍ୟୋଗକୁ କୌଣସି ଅନୁମତି ଦିଆଯାଇପାରିବ ନାହିଁ । ଏହି ପ୍ରସ୍ତାବକୁ ସମର୍ଥନ କରି ବିଦ୍ୱାନ ପରାମର୍ଶଦାତା ଦୁଇଟି ଯୁକ୍ତି ଉପସ୍ଥାପନ କରିଥିଲେ-ପ୍ରଥମତଃ, ଅଧିନିୟମର IV ଅଧ୍ୟାୟର ଧାରା 57 (3)ଅନୁଯାୟୀ ଆବେଦନ ସମ୍ବନ୍ଧରେ ନିବେଦନ ପତ୍ର ଦାଖଲ କରାଯିବା ସମୟରେ ପୂର୍ବ ପ୍ରକାଶନରେ ବିଜ୍ଞପ୍ତିର ତାରିଖ ଦାଖଲ କରାଯିବା ଆବଶ୍ୟକ ଅଟେ ଏବଂ IV- A ଅଧ୍ୟାୟର ଧାରା 68- B କ୍ଷେତ୍ରରେ IV ଅଧ୍ୟାୟର ଧାରା 57 (3) ର ଉପରୋକ୍ତ ବ୍ୟବସ୍ଥା ଅନୁସରଣ କରିବାକୁ ପଡିବ।

ଦ୍ୱିତୀୟ ତର୍କ ହେଉଛି ଯେ ଧାରା 68-F ଅଧୀନରେ ଦିଆଯାଇଥିବା ଅନୁମତି ପାଇଁ ଆବେଦନଗୁଡ଼ିକ ଉପରେ କାର୍ଯ୍ୟ କରିବା ସମୟରେ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ ଏକ ଅର୍ଦ୍ଧ-ନ୍ୟାୟିକ କ୍ଷମତାରେ କାର୍ଯ୍ୟ କରନ୍ତି ଏବଂ ତେଣୁ ଅନୁମତି ପ୍ରଦାନ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଆବେଦନକାରୀ ବିଜ୍ଞପ୍ତି ପାଇବାକୁ ହକଦାର ଅଟନ୍ତି ।

ଧାରା 68-B, ଯାହା ଉପରେ ନିର୍ଭରଶୀଳତା ପ୍ରକଟ କରାଯାଇଛି, ସେଥିରେ ଅନ୍ୟାନ୍ୟ ବିଷୟଗୁଡ଼ିକ ମଧ୍ୟରେ ବ୍ୟବସ୍ଥା ରହିଛି ଯେ IV ଅଧ୍ୟାୟର ବ୍ୟବସ୍ଥା "IV ଅଧ୍ୟାୟରେ ଯେକୌଣସି ଅସଙ୍ଗତି ଥିବା ସତ୍ତ୍ୱେ" ପ୍ରଭାବଶାଳୀ ହେବ । ଏହା କିଛି ସକାରାତ୍ମକ ବିଷୟ ପ୍ରକାଶ କରି ନାହିଁ ଯାହା ଦ୍ୱାରା IV ଅଧ୍ୟାୟର କୌଣସି ବ୍ୟବସ୍ଥା IV -A ଅଧ୍ୟାୟ ଅଧୀନରେ ଥିବା ପ୍ରସଙ୍ଗରେ ଲାଗୁ କରିହେବ କିନ୍ତୁ ନକାରାତ୍ମକ ଭାବରେ ପ୍ରଦାନ କରେ ଯେ ଯଦି IV- A ଅଧ୍ୟାୟରେ ଅଧିନିୟମର କୌଣସି ବ୍ୟବସ୍ଥା ବିଷୟରେ କୌଣସି ପ୍ରଶ୍ନ ଉଠେ ଏବଂ ଦ୍ୱନ୍ଦ ଥିବା କାରଣରୁ ଏହାକୁ ପ୍ରୟୋଗ କରିବାରେ ଅସୁବିଧା ହୁଏ ତାହେଲେ IV-A ଅଧ୍ୟାୟର ବ୍ୟବସ୍ଥା ଗୁଡିକ ବିଦ୍ୟମାନ ହେବ । ଶ୍ରୀ ଆୟଙ୍ଗର ଯୁକ୍ତି ଉପସ୍ଥାପନ କରିଛନ୍ତି ଯେ ଏହି ବ୍ୟବସ୍ଥାରେ ଏହା ନିହିତ ଅଛି ଯେ ଯଦି ଏପରି କୌଣସି ଅସୁବିଧା ନାହିଁ, ତେବେ ଅଧ୍ୟାୟ IV ର ସମସ୍ତ ବ୍ୟବସ୍ଥା ଅଧ୍ୟାୟ IV-A ଅନୁଯାୟୀ କାର୍ଯ୍ୟ କରାଯାଇଥିବା ବିଷୟଗୁଡ଼ିକ ପାଇଁ ପ୍ରଯୁଜ୍ୟ ହେବ । ଆମ ମତରେ, ଏହି ଯୁକ୍ତି ଭ୍ରମାତ୍ମକ । ଧାରା 68- B ପୂର୍ବ ଅନୁମାନ କରେ ଯେ ଅଧ୍ୟାୟ IV ରେ କିଛି ବ୍ୟବସ୍ଥା ଅଛି ଯାହା ଅଧ୍ୟାୟ IV- A ଅନ୍ତର୍ଗତ ବିଷୟଗୁଡ଼ିକ ପାଇଁ ପ୍ରଯୁଜ୍ୟ ହୋଇପାରେ; ସେହି ଧାରଣା ଉପରେ ଏହା କୁହାଯାଇପାରେ ଯେ ଏପରି ଏକ ବିଷୟ ପାଇଁ ଅଧ୍ୟାୟ IV ର ବ୍ୟବସ୍ଥାଗୁଡ଼ିକ ପ୍ରାଥମିକ ଦୃଷ୍ଟିକୋଣରୁ ପ୍ରଯୁଜ୍ୟ ହେବ, ତେବେ ଅଧ୍ୟାୟ IV-A ରେ ଏକ ବ୍ୟବସ୍ଥା ଅଛି ଯାହା ପ୍ରଯୁଜ୍ୟ ମନେହୁଏ, ଅଧ୍ୟାୟ IV-A

ରେ ଥିବା ବ୍ୟବସ୍ଥା ଅଧ୍ୟାୟ IV ର ସମ୍ପୃକ୍ତ ବ୍ୟବସ୍ଥା ସହିତ ଏହାର ଅସଙ୍ଗତି ପ୍ରକାଶ ପାଏ ତେବେ ଅଧ୍ୟାୟ IV-A ର ବ୍ୟବସ୍ଥା ପ୍ରଚଳିତ ହେବ । 68- 'B' କିଛି ପ୍ରକାଶ କରେ ନାହିଁ ଏବଂ ସ୍ପଷ୍ଟ ଭାବରେ କିମ୍ବା ନିହିତାର୍ଥ ଦ୍ୱାରା କୌଣସି ମାର୍ଗଦର୍ଶନ ପ୍ରଦାନ କରେ ନାହିଁ । ଅଧ୍ୟାୟ IV ରେ ଥିବା ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା (ଅଧ୍ୟାୟ IV-A ରେ ଥିବା କୌଣସି ବ୍ୟବସ୍ଥା ସହିତ ଅସଙ୍ଗତ ନଥିଲେ) ଅଧ୍ୟାୟ IV-A ଅନ୍ତର୍ଗତ କୌଣସି ବିଷୟରେ ପ୍ରଯୁଜ୍ୟ ହେବ କି ନାହିଁ ତାହା ଜାଣିବା ପାଇଁ, ଆମକୁ ପ୍ରଶ୍ନରେ ଥିବା ବିଷୟକୁ ପରୀକ୍ଷା କରିବାକୁ ପଡିବ ଏବଂ ତା'ପରେ ନିଷ୍ପତ୍ତି ନେବାକୁ ପଡିବ ଯେ ଏହା ଏପରି ପ୍ରକୃତିର କି ନାହିଁ ଯାହା ଅଧ୍ୟାୟ IV ର ସେହି ନିର୍ଦ୍ଦିଷ୍ଟ ବ୍ୟବସ୍ଥାକୁ ଆକର୍ଷିତ କରେ ।

ତେବେ ଧାରା 68-F(1) ଅଧୀନରେ ଯେଉଁ ବିଷୟ ଉପରେ ବିଚାର କରାଯାଉଛି ଯାହା ସହିତ ଆମେ ବର୍ତ୍ତମାନର ମାମଲାରେ ଚିନ୍ତିତ । ଯେତେବେଳେ ଧାରା 68-D (2) ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ଏକ ଯୋଜନା ଅନୁମୋଦନ ହୋଇସାରିଥାଏ ସେତେବେଳେ ଧାରା 68-F (1) କାର୍ଯ୍ୟକାରୀ ହୁଏ । ଅନୁମୋଦିତ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ପରିବହନ ସଂସ୍ଥା, ଯାହା ଏହି ଯୋଜନା ଅଧୀନରେ ପରିବହନ ସେବା ପରିଚାଳନା ଏବଂ କାର୍ଯ୍ୟକାରୀ କରିବା ସମୟରେ ଏହା ନିକଟରେ ଆଞ୍ଚଳିକ ପରିବହନ ପ୍ରାଧିକରଣର ଅନୁମତି ଥିବା ଆବଶ୍ୟକ । ଧାରା 68-F(1) ରେ ବ୍ୟବସ୍ଥା ରହିଛି ଯେ ରାଜ୍ୟ ପରିବହନ ଉଦ୍ୟୋଗକୁ ଅନୁମତି ପତ୍ର ପାଇଁ ଆବେଦନ କରିବାକୁ ପଡ଼ିବ (i) ଅନୁମୋଦିତ ଯୋଜନାର ଅନୁସରଣରେ ଏବଂ (ii) IV ଅଧ୍ୟାୟରେ ବର୍ଣ୍ଣିତ ନିର୍ଦ୍ଦିଷ୍ଟ ପଦ୍ଧତିରେ ଏହା ପ୍ରଦାନ କରାଯିବ । ଥରେ ଏପରି କରାଯିବା ପରେ, ଉପଧାରା ଆହୁରି ପ୍ରକାଶ କରିଥାଏ ଯେ "ଏକ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ, IV ଅଧ୍ୟାୟରେ କିଛି ବିରୋଧଭାଷ ଥିବା ସତ୍ତ୍ୱେ ରାଜ୍ୟ ପରିବହନ ଉଦ୍ୟୋଗକୁ ଏପରି ଅନୁମତି ପତ୍ର ପ୍ରଦାନ କରିବେ", । ଆମ ପାଇଁ ଏହା ସ୍ପଷ୍ଟ ପ୍ରତୀୟମାନ ଯେ ଧାରା 57 (3) ର ବ୍ୟବସ୍ଥାଗୁଡ଼ିକର ଧାରା 68-F(1) ଦ୍ୱାରା ପରିଚାଳିତ ଏହି ବିଷୟଗୁଡ଼ିକ ସହିତ କୌଣସି ସମ୍ପର୍କ ନାହିଁ । ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ ଏକ ଅନୁମତି ପାଇଁ ଏକ ଆବେଦନ ଉପରେ ବିଚାର କରିବା ସମୟରେ, ଧାରା 57 (3) ଦ୍ୱାରା ତାଙ୍କ ଉପରେ କେତେକ କର୍ତ୍ତବ୍ୟ ନ୍ୟସ୍ତ କରାଯାଇଛି । ଏହି ସର୍ତ୍ତଗୁଡ଼ିକ ହେଉଛି (1) କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଯାଞ୍ଚ ପାଇଁ ଆବେଦନ ଉପଲବ୍ଧ କରାଇବା, (2) ଏହି ଆବେଦନକୁ କିମ୍ବା ଏଥିରେ ଥିବା ବିଷୟବସ୍ତୁକୁ ଏକ ତାରିଖ ଥିବା ବିଜ୍ଞପ୍ତି ସହିତ ବିହିତ ରୀତିରେ ପ୍ରକାଶ କରିବା ଯେଉଁଥିରେ ଆବେଦନ ଦାଖଲ କରିବାର ସମୟ, ତାରିଖ ଏବଂ ସ୍ଥାନ ସୂଚିତ ଥିବ ଯେଉଁ ଠାରେ କି ନିବେଦନ ପତ୍ର ଦାଖଲ କରାଯାଇପାରିବ ଏବଂ ସେଗୁଡିକୁ ବିଚାର କରାଯାଇପାରିବ । ଧାରା 68 - F (1) ଯେପରି ପୂର୍ବରୁ ଉଲ୍ଲେଖ କରାଯାଇଛି, ଯଦି ଏହା ଅନୁମୋଦିତ ଯୋଜନାର ଅନୁସରଣ

1961
অବଦୁଲ ଗଫୁର
ବନାମ
ମହିଶୂର ରାଜ୍ୟ
ନ୍ୟାୟାଧୀଶ
ଦାସଗୁପ୍ତା

କରେ ଏବଂ ଅଧ୍ୟାୟରେ ଉଲ୍ଲିଖିତ ଢଙ୍ଗରେ କରାଯାଇଥାଏ ତେବେ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କ ନିକଟରେ ଅନୁମତି ପ୍ରଦାନକୁ ପ୍ରତ୍ୟାଖ୍ୟାନ କରିବାର କୌଣସି ବିକଳ୍ପ ନାହିଁ । IV. ତେଣୁ ଅନୁମତି ପତ୍ର ପାଇଁ ରାଜ୍ୟ ପରିବହନ ଉଦ୍ୟୋଗରୁ ଆବେଦନ ପ୍ରାପ୍ତ ହେବା ପରେ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କ କର୍ତ୍ତବ୍ୟ ହେଉଛି ଏହା ଏକ ଅନୁମୋଦିତ ଯୋଜନାର ଅନୁସରଣରେ ଅଛି କି ନାହିଁ ଏବଂ ଦ୍ୱିତୀୟରେ ଏହା IV ଅଧ୍ୟାୟରେ ନିର୍ଦ୍ଧାରିତ ଢଙ୍ଗରେ କରାଯାଇଛି କି ନାହିଁ ତାହା ସେ ନିଜେ ଯାଞ୍ଚ କରିବେ । ଏହି କର୍ତ୍ତବ୍ୟକୁ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କୁ ନିଜେ ବହନ କରିବାକୁ ପଡିବ ଏବଂ ସର୍ବସାଧାରଣ କିମ୍ବା ଏହା ମାର୍ଗରେ ପରିବହନ ସେବାରେ ଥିବା ବିଦ୍ୟମାନ ଅନୁମତିଧାରୀଙ୍କଠାରୁ ସହାୟତା ମାଗିବାର ପ୍ରଶ୍ନ ଉଠୁନାହିଁ । ଏହି ପ୍ରସଙ୍ଗରେ ସାଧାରଣ ଜନତା କିମ୍ବା ଅନୁମତି ଧାରକଙ୍କର କୌଣସି ଭୂମିକା ନାହିଁ ।

IV ଅଧ୍ୟାୟ ଅଧୀନରେ କରାଯାଇଥିବା ଆବେଦନକୁ ଯାଞ୍ଚ ପାଇଁ ଉପଲବ୍ଧ କରାଇବା ପାଇଁ ଧାରା 57 (3) ର ବ୍ୟବସ୍ଥାଗୁଡ଼ିକ, ଆବେଦନ କିମ୍ବା ଏଥିରେ ଥିବା ବିଷୟବସ୍ତୁକୁ ଏକ ତାରିଖ ଥିବା ବିଜ୍ଞପ୍ତି ସହିତ ବିହିତ ରୀତିରେ ପ୍ରକାଶ କରିବା ଯେଉଁଥିରେ ଆବେଦନ ଦାଖଲ କରିବାର ସମୟ, ତାରିଖ ଏବଂ ସ୍ଥାନ ସୂଚିତ ଥିବ ଯେଉଁ ଠାରେ କି ନିବେଦନ ପତ୍ର ଦାଖଲ କରାଯାଇପାରିବ ଏବଂ ସେଗୁଡିକୁ ବିଚାର କରାଯାଇପାରିବ ଯାହା ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କୁ ଆବେଦନ ମଞ୍ଜୁର କରାଯିବା ଉଚିତ କି ନାହିଁ ସେ ବିଷୟରେ ସଠିକ୍ ଉପସଂହାର ପହଞ୍ଚିବାକୁ ସକ୍ଷମ କରିବ । IV ଅଧ୍ୟାୟରେ ନିର୍ଦ୍ଧାରିତ ପଦ୍ଧତିରେ ନ କରାଯାଇଥିବା ଏକ ଆବେଦନ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆଦୌ ବିଚାର କରାଯିବ ନାହିଁ । କିନ୍ତୁ ଏହା ସଠିକ୍ ଢଙ୍ଗରେ କରାଯାଇଛି ବୋଲି କେବଳ ଏହି କାରଣରୁ ଆବେଦନକାରି ଅନୁମତି ପତ୍ର ପାଇବାକୁ ଯୋଗ୍ୟ ହେବେ ନାହିଁ । ଆବେଦନକୁ ଅନୁମତି ଦିଆଯିବା ଉଚିତ କି ନାହିଁ ଏହିପରି ସମସ୍ତ ପ୍ରାସଙ୍ଗିକ ପ୍ରସଙ୍ଗରେ ବିଚାର କରିବା ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କ କର୍ତ୍ତବ୍ୟ । ଅନ୍ୟ ପରିଚାଳକ ଏବଂ ଏପରିକି ଜନସାଧାରଣଙ୍କର ମାମଲାର ଗୁଣବତ୍ତା ଉପରେ ଅନୁମତି ନଦେବାକୁ କର୍ତ୍ତୃପକ୍ଷଙ୍କୁ ପ୍ରବର୍ତ୍ତାଇବା ପାଇଁ ପ୍ରତିନିଧିତ୍ୱ କରିବାର ଆଇନଗତ ଅଧିକାର ଅଛି । ଏହି କାରଣରୁ ଧାରା 57 ର ଉପଧାରା 3 ରେ ଏହି ବ୍ୟବସ୍ଥାଗୁଡିକ କରିବାର ଆବଶ୍ୟକତା ଥିଲା ଯାହା ଦ୍ୱାରା ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ ଏକ ଉପଯୁକ୍ତ ଉପସଂହାର ପହଞ୍ଚିବା ପାଇଁ ସମସ୍ତ ସହାୟତା ପାଇପାରିବେ । ତେବେ ଧାରା 68-C ଅଧୀନରେ ପ୍ରସ୍ତୁତ ଏବଂ ପ୍ରକାଶିତ ଏକ ଯୋଜନା ଅନୁମୋଦିତ ହେବା ପରେ ଏବଂ IV ଅଧ୍ୟାୟରେ ନିର୍ଦ୍ଦିଷ୍ଟ ହୋଇଥିବା ଯୋଜନାର ଅନୁସରଣରେ ଏବଂ ଉପଯୁକ୍ତ ଢଙ୍ଗରେ ଏକ ଆବେଦନ କରାଯିବା ପରେ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆଉ କିଛି ନିଷ୍ପତ୍ତି

ନିଆଯାଇପାରିବ ନାହିଁ । ଧାରା 68-F (1) ଅଧୀନରେ ଆଲୋଚନା କରାଯାଇଥିବା ବିଷୟର ପ୍ରକୃତି ଏହିପରି, ଯାହା ଧାରା 57 (3) ର କୌଣସି ବ୍ୟବସ୍ଥାକୁ ଆକର୍ଷିତ କରେ ନାହିଁ ଏବଂ କରିପାରିବ ନାହିଁ ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ *ଶ୍ରୀନିବାସ ରେଡ୍ଡୀ ଏବଂ ଅନ୍ୟମାନେ ବନାମ ମହୀଶୂର ରାଜ୍ୟ ଏବଂ ଅନ୍ୟମାନେ* ([1])ମାମଲାରେ ରେ ଏକ ପ୍ରଶ୍ନ ଉଠାଯାଇଥିଲା ଯେଉଁଥିରେ ଧାରା 57 (3) ଅନୁଯାୟୀ କରାଯାଇଥିବା ଏକ ଆବେଦନ ଧାରା 68-F (I) ଅନୁଯାୟୀ କରାଯାଇଥିବା ଏକ ମାମଲା ସହିତ ପ୍ରଯୁଜ୍ୟ କି ନୁହେଁ ।  ନ୍ୟାୟାଳୟ ସେତେବେଳେ ଏହି ପ୍ରସଙ୍ଗରେ ପ୍ରବେଶ କରିବା ଅନାବଶ୍ୟକ ବୋଲି ବିବେଚନା କରିଥିଲେ କାରଣ ସେହି ମାମଲାର ତଥ୍ୟ ଆଧାରରେ ହା ଦେଖିବାକୁ ମିଳିଥିଲା ଯେ ଆବେଦନଟି IV ଅଧ୍ୟାୟରେ ପ୍ରଦାନ କରାଯାଇଥିବା ଢଙ୍ଗରେ କରାଯାଇ ନାହିଁ ଏବଂ ବାସ୍ତବରେ ଏହା ଧାରା 57 (2) କୁ ଭଙ୍ଗ କରୁଥିଲା ଏବଂ ତେଣୁ ଏପରି ଆବେଦନ ଉପରେ କୌଣସି ଅନୁମତି ପତ୍ର ଜାରି କରାଯାଇପାରିବ ନାହିଁ । ଧାରା 57 (2 )ରେ ଯେଉଁ ବ୍ୟବସ୍ଥା ଧାରା 68 ଅବୁଯାୟୀ ଦାଖଲ ହେଉଥିବା ଆବେଦନ ପତ୍ର ପାଇଁ ପ୍ରଯୁଜ୍ୟ , ସେହି ବ୍ୟବସ୍ଥା ଅନୁଯାୟୀ ଏକ ପରିବହନ ଅନୁମତି ପାଇଁ ଆବେଦନ ଏହା କାର୍ଯ୍ୟକାରୀ ହେବାକୁ ଥିବା ତାରିଖ ଠାରୁ କମ ସେ କମ ଛଅ ସପ୍ତାହ ପୂର୍ବରୁ କରାଯିବ କିମ୍ବା ଯଦି ଆଞ୍ଚଳିକ ପରିବାହନ କରତୃପକ୍ଷ ସେହିପରି ଆବେଦନ ଗିଡିକୁ ପ୍ରାପ୍ତି ପାଇଁ ନିର୍ଦ୍ଧାରିତ ତାରିଖ ସ୍ଥିର କରିବେ , ତେବେ ତାରିଖରେ ଆବେଦନ କରାଯିବ । ସେହି ମାମଲାରେ ନ୍ୟାୟାଳୟ ନିର୍ଣ୍ଣୟ ନେଇଥିଲେ ଯେ ଧାରା 57 (2)ରେ ଥିବା ଏହ ବ୍ୟବସ୍ଥା ବାସ୍ତବରେ ଆବେଦନ କରିବାର ଏକ ପଦ୍ଧତି ଏବଂ ଫଳସ୍ୱରୂପ ଏହା ଧାରା 68-F (1) ଅନୁଯାୟୀ କରାଯାଇଥିବା ଆବେଦନ କ୍ଷେତ୍ରରେ ଏହା ପ୍ରଯୁଜ୍ୟ ଅଟେ । ତେବେ ଧାରା 57 (3) ର ବ୍ୟବସ୍ଥାଗୁଡ଼ିକର ଆବେଦନ କରିବାର ପଦ୍ଧତି ସହିତ କିଛି ସମ୍ପର୍କ ଅଛି ବୋଲି କୁହାଯାଇପାରିବ ନାହିଁ ଏବଂ ଧାରା 68-F (1) ଅନୁଯାୟୀ କାର୍ଯ୍ୟ କରାଯାଉଥିବା ବିଷୟର ପ୍ରକୃତି ଏପରି ଯେ ଧାରା 57 (3) ର ବ୍ୟବସ୍ଥାଗୁଡ଼ିକ ଆକର୍ଷିତ ହୁଏ ନାହିଁ ।

ପରବର୍ତ୍ତୀ ତର୍କ ହେଉଛି ଯେ ଧାରା 68-F (1) ଅନୁଯାୟୀ ରାଜ୍ୟ ପରିବହନ ଉଦ୍ୟୋଗ ଦ୍ୱାରା କରାଯାଇଥିବା ଆବେଦନ ଉପରେ କାର୍ଯ୍ୟ କରିବା ସମୟରେ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ ଏକ ଅର୍ଦ୍ଧ-ନ୍ୟାୟିକ କର୍ତ୍ତୃପକ୍ଷ ଭାବରେ କାର୍ଯ୍ୟ କରନ୍ତି । ଏହା କୁହାଯାଇଛି ଯେ ଧାରା 68-F (2)

([1]) [1960] 2 S.C.R. 130

1961
ଅବଦୁଲ ଗଫୁର
ବନାମ
ମହିଶୂର ରାଜ୍ୟ
ନ୍ୟାୟାଧୀଶ
ଦାସଗୁପ୍ତା

ଅନୁଯାୟୀ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ ଅନ୍ୟ କୌଣସି ଅନୁମତି ପତ୍ରର ବୀକରଣ ପାଇଁ ଆବେଦନ ଗ୍ରହଣ କରିବାକୁ ମନା କରିପାରନ୍ତି କିମ୍ବା ଏକ ବିଦ୍ୟମାନ ଅନୁମତିପତ୍ର ବାତିଲ କରିବା କିମ୍ବା ଏକ ବିଦ୍ୟମାନ ଅନୁମତିପତ୍ରର କିଛି ନିର୍ଦ୍ଦିଷ୍ଟ ବିଷୟର ସର୍ତ୍ତାବଳୀରେ ପରିବର୍ତ୍ତନ କରିବା, ଅନୁମୋଦିତ ଯୋଜନାକୁ ପ୍ରଭାବ ଦେବା ଉଦ୍ଦେଶ୍ୟରେ ଧାରା ୬୮-F (1) ଅନୁଯାୟୀ ଏକ ଆବେଦନ ପରିଚାଳନା ସମୟରେ ବିଦ୍ୟମାନ ଅନୁମତି ଧାରକ ଏବଂ ରାଜ୍ୟ ପରିବହନ ଉଦ୍ୟୋଗ ମଧ୍ୟରେ ଏକ ମକଦ୍ଦମା ବିଦ୍ୟମାନ ଅଛି ।

ଏହା ପ୍ରତୀୟମାନ ଯେ ଧାରା ୬୮-F (2) ଅନୁଯାୟୀ କେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହା ସ୍ଥିର କରିବା ସମୟରେ କର୍ତ୍ତୃପକ୍ଷ ଅନୁମୋଦିତ ଯୋଜନାର ନିୟମ ଓ ସର୍ତ୍ତାବଳୀ ଦ୍ୱାରା ଆବଦ୍ଧ ଏବଂ ତାଙ୍କ କର୍ତ୍ତବ୍ୟ କେବଳ ଯୋଜନାର ବ୍ୟବସ୍ଥାଗୁଡ଼ିକୁ ରୂପାନ୍ୱିତ କରିବା ହେବ । ଅନୁମତି ପତ୍ରର ନବୀକରଣ କିମ୍ବା ଅନୁମତି ପତ୍ରର ବାତିଲ କିମ୍ବା ବିଦ୍ୟମାନ ଅନୁମତି ପତ୍ରର ସର୍ତ୍ତାବଳୀରେ ସଂଶୋଧନ ପାଇଁ ଆବେଦନ ଗ୍ରହଣ କରିବାକୁ ମନା କରିବା ବିଷୟ ପ୍ରକୃତରେ ଏହି ଯୋଜନାରୁ ପ୍ରବାହିତ ହୁଏ । ତେଣୁ ଏହି କର୍ତ୍ତବ୍ୟ କେବଳ କାର୍ଯ୍ୟଧାରା ସମ୍ବନ୍ଧିତ କର୍ତ୍ତବ୍ୟ; ଏବଂ ଏହା ଦର୍ଶାଇବା ତୃଟିପୂର୍ଣ୍ଣ ହେବ ଯେ ଏହି ପ୍ରସଙ୍ଗରେ ବର୍ତ୍ତମାନର ପରିଚାଳକ ଏବଂ ରାଜ୍ୟ ପରିବହନ ଉଦ୍ୟୋଗ ମଧ୍ୟରେ କୌଣସି ବିବାଦ ରହିଛି, ଯାହା ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ଥିର କରାଯିବ। ତେଣୁ ଏହା କହିବା ଯଥାର୍ଥ ନୁହେଁ ଯେ ଧାରା ୬୮-F (2) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମୟରେ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ କୌଣସି ଅର୍ଦ୍ଧ-ନ୍ୟାୟିକ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଏହା ବ୍ୟତୀତ ଏହା ଉଲ୍ଲେଖ କରିବାକୁ ହେବ ଏହା ଧାରା ୬୮-F (2) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଧାରା ୬୮-F (1) ଅନୁଯାୟୀ ପ୍ରଦାନ କରାଯାଉଥିବା ଅନୁମତି ଠାରୁ ପ୍ରକୃତରେ ସ୍ୱାଧୀନ ଅଟେ । ଥରେ ଯୋଜନା ଅନୁମୋଦିତ ହେବା ପରେ, ଧାରା ୬୮-F (1) ଅଧୀନରେ କାର୍ଯ୍ୟାନୁଷ୍ଠାନ ସେଥିରୁ ପ୍ରବାହିତ ହୁଏ ଏବଂ ସେହି ସମୟରେ ଧାରା ୬୮-F (2) ଅଧୀନରେ କାର୍ଯ୍ୟାନୁଷ୍ଠାନ ସମାନ ଯୋଜନାରୁ ପ୍ରବାହିତ ହୁଏ । ତେଣୁ, ଧାରା ୬୮-F (1) ଅନୁଯାୟୀ ଅନୁମତି ପତ୍ରର ପାଇଁ ଆବେଦନଗୁଡ଼ିକର ବିଚାର କରିବାରେ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ ଏକ ଅର୍ଦ୍ଧ-ନ୍ୟାୟିକ କାର୍ଯ୍ୟ ସମ୍ପାଦନ କରୁଥିବାର ଯୁକ୍ତିଟି ବିଫଳ ହୁଏ କାରଣ ଏହା ଧାରା ୬୮-F (2) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ ।

ଏହା ପରେ କୁହାଯାଇଥିଲା ଯେ ଯେତେବେଳେ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ ଅନୁମତି ପତ୍ରର ପ୍ରଦାନ କରନ୍ତି, ସେତେବେଳେ ସେ ଅଧିନିୟମର ଧାରା 4୮ (3) ଅନୁଯାୟୀ ଅନୁମତି

ସହିତ କିଛି ସର୍ତ୍ତାବଳୀ ସଂଲଗ୍ନ କରିପାରିବେ। ଧାରା 48 (3) ଆଞ୍ଚଳିକ ପରିବହନ ପ୍ରାଧିକରଣକୁ କ୍ଷମତା ଦିଏ ଯଦି ସେ ଏକ ଷ୍ଟେଜ୍ କ୍ୟାରେଜ୍ ପରମିଟ୍ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇପାରିବେ, ସେ ଉପ-ଧାରା ରେ ନିର୍ଦ୍ଦିଷ୍ଟ ଯେକୌଣସି ସର୍ତ୍ତକୁ ଅନୁମତି ପତ୍ରର ସହିତ ସଂଲଗ୍ନ କରିପାରିବେ । ଏହା ଧ୍ୟାନ ଦେବାକୁ ହେବ ଯେ ଧାରା 68 ଏଫ୍ (1) ଏକ ଅନୁମତିର "ଅନୁମୋଦନ" ବିଷୟରେ ପ୍ରକାଶ କରେ ନାହିଁ କିନ୍ତୁ ଏହା ପ୍ରଦାନ କରେ ଯେ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ ଏକ ଅନୁମତି ପତ୍ରର "ଜାରି" କରିବେ । ଯେକୌଣସି ପରିସ୍ଥିତିରେ, ଯଦି ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କୁ ଏପରି ଅନୁମତି ସହିତ କେଉଁ ସର୍ତ୍ତ ସଂଲଗ୍ନ କରିବାକୁ ହେବ ତାହା ସ୍ଥିର କରିବାକୁ ପଡିବ, ତେବେ ଏହା ଏକ ଅର୍ଦ୍ଧ-ନ୍ୟାୟିକ କାର୍ଯ୍ୟ ପ୍ରୟୋଗ କରୁଛନ୍ତି ବୋଲି କହିବା ସମ୍ଭବ ନୁହେଁ । ଏହି ପ୍ରସଙ୍ଗରେ ନିଷ୍ପତ୍ତି ନେବା ସମୟରେ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କୁ ଜନସାଧାରଣଙ୍କ ସ୍ୱାର୍ଥ ପ୍ରତି ଧ୍ୟାନ ଦେବାକୁ ପଡ଼ିବ, କିନ୍ତୁ ସେଥିପାଇଁ ଗୋଟିଏ ପଟେ ରାଜ୍ୟ ପରିବହନ ଉଦ୍ୟୋଗ ଏବଂ ଅନ୍ୟ ପଟେ ଜନସାଧାରଣଙ୍କ ମଧ୍ୟରେ କୌଣସି ବିବାଦ ହେବାର ପ୍ରଶ୍ନ ଉଠୁନାହିଁ ।

ଆମ ମତରେ, ଧାରା 68-F (1) ଅନୁଯାୟୀ ରାଜ୍ୟ ପରିବହନ ସଂସ୍ଥାର ଏକ ଆବେଦନ ସହିତ କାର୍ଯ୍ୟ କରିବା ସମୟରେ, ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ ଏକ ଶାସନାତ୍ମକ ଭୂମିକରେ କାର୍ଯ୍ୟ କରନ୍ତି କାର୍ଯ୍ୟ କରନ୍ତି । ଅନ୍ୟ ସମୟରେ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କର ଅର୍ଦ୍ଧ-ନ୍ୟାୟିକ କାର୍ଯ୍ୟ ସମ୍ପାଦନ କରିବାର ତଥ୍ୟ, ଧାରା 68-F (1) ଅନୁଯାୟୀ ଏହାର କାର୍ଯ୍ୟକୁ ଏକ ଅର୍ଦ୍ଧ-ନ୍ୟାୟିକ କାର୍ଯ୍ୟ କରିପାରିବ ନାହିଁ ।

ତେଣୁ ଆମର ଉପସଂହାର ହେଉଛି ଯେ ଆବେଦନକାରୀ ଯୁକ୍ତି ଯାହା ଦର୍ଶାଏ ଯେ ଅନୁମତି ପତ୍ରର ପାଇଁ ଆବେଦନଗୁଡିକ ବିଧିବଦ୍ଧ ଭାବରେ ପ୍ରକାଶିତ ନହେବା ପର୍ଯ୍ୟନ୍ତ ଏବଂ ବିଜ୍ଞପ୍ତି ଗୁଡିକୁ ଆବେଦନକାରିଙ୍କୁ ପ୍ରଦାନ କରାନଯିବା ପର୍ଯ୍ୟନ୍ତ ରାଜ୍ୟ ପରିବହନ ଉଦ୍ୟୋଗକୁ କୌଣସି ଅନୁମତି ଦିଆଯାଇପାରିବ ନାହିଁ ବିଷୟଟି ଯୁକ୍ତିଯୁକ୍ତ ନୁହଁ । ଫଳସ୍ୱରୂପ, ଆବେଦନକାରୀ କୌଣସି ରିହାତି ପାଇବାକୁ ହକଦାର ନୁହଁନ୍ତି ।ଏହି ଆବେଦନକୁ ଖର୍ଚ୍ଚ ସହିତ ଖାରଜ କରିଦିଆଗଲା ।

ଆବେଦନକୁ ଖାରଜ କରାଗଲା ।

1961
অবদুল গফুর — ଅବଦୁଲ ଗଫୁର
ବନାମ
ମହିଶୂର ରାଜ୍ୟ
ନ୍ୟାୟାଧୀଶ
ଦାସଗୁପ୍ତା

## **ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।